ଶନିବାର, ୨୩ ଅଗଷ୍ଟ, ୨୦୨୫

# ପିଲାଙ୍କ ଧରିତ୍ରୀ





## ଖିଲି ଖିଲି ହସ

ରଘୁ ଉତ୍ତରପ୍ରଦେଶର ଏକ ତୀର୍ଥସ୍ଥାନ ବୁଲିବାକୁ ଯାଇଥିଲେ। ସେଠାରୁ ଫେରିବା ପରେ ତାଙ୍କର ସାଙ୍ଗ ବିଶୁ ସହ ଦେଖା ହେଲା।
ବିଶୁ : ଆରେ ରଘୁ, କେବେ ଫେରିଲୁ, କିପରି ରହିଲା ତୀର୍ଥଯାତ୍ରା ?
ରଘୁ : ଥକ୍କା ଥକ୍କା ଲାଗୁଛି ଭାଇ , ରାତିରେ ଭଲରେ ଟିକେ ଶୋଇନି, ଉପର ବର୍ଥ ମିଳିଥିଲା, ପବନ ଆଦୌ ଦେହରେ ବାଜୁ ନ ଥିଲା।
ବିଶୁ: କାହା ସହିତ ବର୍ଥ ଚେଞ୍ଜ କରି ଦେଇଥାନ୍ତୁ।
ରଘୁ: ତୁ ମୋତେ ଏବେ ଏକଥା କହୁଛୁ। ହେଲେ ଯେତେବେଳେ ମୁଁ ସେହି ଟ୍ରେନ୍‌ରେ ଯାତ୍ରା କରୁଥିଲି ମୋ ତଳ ବର୍ଥ ଦୁଇଟି ଫାଙ୍କା ଥିଲା। ମୁଁ କାହା ସହିତ ଏକ୍ସଚେଞ୍ଜ କରିଥାଆନ୍ତି କହୁନୁ ?

ପିଲାଙ୍କୁ କ୍ଲାସରେ ପଢ଼ାଉଥିବା ସମୟରେ ଶିକ୍ଷକ ପଚାରିଲେ, ପିଲାମାନେ, ନ୍ୟୁଟନ୍‌ଙ୍କ ନିୟମ ବିଷୟରେ କ'ଣ ଜାଣିଛ କହିଲ।
ରୋହନ୍ ଉଠିଯାଇ କହିଲା– ସାର୍, ସମ୍ପୂର୍ଣ୍ଣ ନିୟମଟି ତ ମୋର ମନେ ନାହିଁ। ହେଲେ ଶେଷ ଧାଡି ଜାଣିଛି।
ଶିକ୍ଷକ: ତେବେ କହ ।
ରୋହନ: ଏହାକୁ ନ୍ୟୁଟନ୍‌ଙ୍କ ନିୟମ କୁହାଯାଏ।

# ଗଜାନନଙ୍କ ମହିମା...

## ଗପ

ଥରେ ଗଣେଶ ବାଳକ ବେଶ ଧାରଣକରି ନଗର ଭ୍ରମଣ କରିବାକୁ ବାହାରିଲେ। ସାଙ୍ଗରେ ମୁଠାଏ ଚାଉଳ ଆଉ ଗୋଟିଏ ଛୋଟ ପାତ୍ରରେ କ୍ଷୀର ଭର୍ତ୍ତି କରି ସାଙ୍ଗରେ ନେଲେ। ଯେଉଁ ମହିଳା ରାସ୍ତାରେ ଦେଖା ହେଉଥିଲେ ସେମାନଙ୍କୁ କହୁଥିଲେ, ଏହି ଜିନିଷତକ ନେଇ ଟିକିଏ ଖିରି ବନେଇ ଦେବ !

ତାଙ୍କ କଥା ଶୁଣି ଲୋକେ ହସୁଥିଲେ ଆଉ ଚାଲି ଯାଉଥିଲେ। କେହିବି ଖିରି ବନେଇବା ପାଇଁ ପ୍ରସ୍ତୁତ ନ ଥିଲେ। ସମସ୍ତେ ଭାବୁଥିଲେ ଏତେ ଅଳ୍ପ ସାମଗ୍ରୀରେ କେମିତି ଖିରି ହେବ ?

ଶେଷରେ ଜଣେ ବୃଦ୍ଧା କହିଲେ, ପୁଅ ତୁ ମୋ ସାଙ୍ଗରେ ମୋ ଘରକୁ ଚାଲ ! ମୁଁ ଖିରି ବନେଇ ଖୁଆଇ ଦେବି। ବୃଦ୍ଧା ତାଙ୍କଠାରୁ ଚାଉଳ ଆଉ କ୍ଷୀର ନେଇ ଗୋଟିଏ ଛୋଟ ପାତ୍ରରେ ଢାଳିଲେ। କିନ୍ତୁ ଗଣେଶ ଏହା ଦେଖି କହିଲେ ମାତା ଘରେ ଯେଉଁ ବଡ ପାତ୍ର ଅଛି ଆପଣ ସେହିଥିରେ ଖିରି କରନ୍ତୁ। କିନ୍ତୁ ବୃଦ୍ଧା ଗଣେଶଙ୍କ କଥାକୁ ଟିକିଏ ହାଲୁକାରେ ନେଲେ। କିଛି ସମୟ ପରେ କ୍ଷୀର ଏମିତି ଭାବରେ ଫୁଟିବା ଆରମ୍ଭ କଲା ଯେ ସେହି ଛୋଟ ବାସନ ପୂରା ପୂର୍ଣ୍ଣ ହୋଇ ବାହାରକୁ ବାହାରିଲା।

ଏହା ଦେଖି ବୃଦ୍ଧାଜଣଙ୍କ ବହୁତ ଆଶ୍ଚର୍ଯ୍ୟ ହୋଇଗଲେ। ଘରେ ଥିବା ସବୁଠୁ ବଡ଼ ପାତ୍ରରେ ଖିରି ତିଆରି କଲେ।

ଖିରିର ମିଠା ସୁଗନ୍ଧରେ ବୃଦ୍ଧାଙ୍କର ବୋହୂଙ୍କ ମୁହଁରେ ପାଣି ଆସିଗଲା। ଆଉ ତାଙ୍କ ମନରେ ଖିରି ଖାଇବା ଇଚ୍ଛା ତୀବ୍ର ହେବାକୁ ଲାଗିଲା। ତେଣୁ ସେ ଗୋଟିଏ ଗିନାରେ ଖିରି ଗଣେଶଙ୍କୁ ଦେଇ ଅନ୍ୟ ଏକ ପାତ୍ରରେ ଖିରି ଆଣି ନିଜେ ଖାଇଲେ। ଗଣେଶ



କହିଲେ ମାତା ତୁମର ବୋହୂ ମୋତେ ଖିରି ଖୁଆଇ ଦେଇଛନ୍ତି। ଏବେ ମୋର ପେଟ ଭରି ଯାଇଛି। ଏହି ଖିରିକୁ ତୁମେ ଗାଁ ଲୋକଙ୍କୁ ଖାଇବାକୁ ଦେଇ ଦିଅ।

ବୃଦ୍ଧା ଏବେ ଗାଁ ଲୋକଙ୍କୁ ନିମନ୍ତ୍ରଣ କରିବାକୁ ଗଲେ, ଆଉ ଗାଁ ଲୋକେ ଏହାଶୁଣି ହସିବାକୁ ଲାଗିଲେ। ସେମାନେ ମନେ ମନେ ଭାବିଲେ ଏହି ବୁଢୀ ତ ସ୍ୱୟଂର ଖାଇବା ଯୋଗାଡ କରିବା ପାଇଁ କେତେ କଷ୍ଟକରୁଛି। ଆଉ ଏବେ ଗାଁ ସାରା ଲୋକଙ୍କୁ ଖିରି ଖାଇବାକୁ ନିମନ୍ତ୍ରଣ ଦେଉଛି। ମନରେ ବହୁତ ପ୍ରଶ୍ନ ନେଇ ଗାଁଲୋକେ ବୃଦ୍ଧାଙ୍କ ଘରେ ଯାଇ ପହଞ୍ଚିଲେ। ବୃଦ୍ଧା ସମସ୍ତଙ୍କୁ ପେଟଭରା ଖିରି ଖାଇବାକୁ ଦେଲେ। ଗାଁ ସାରା ଲୋକ ଖିରି ଖାଇ ତୃପ୍ତ ହୋଇଗଲେ ତଥାପି ଖିରି ଶେଷହେଲା ନାହିଁ। ବାଳକ କହିବା ଅନୁଯାୟୀ ବୃଦ୍ଧାଜଣଙ୍କ ବଳକା ଖିରିକୁ ଘରର ଚାରିକୋଣରେ ରଖିଦେଲେ ବିଭିନ୍ନ ପାତ୍ରରେ। ତା'ପର ଦିନ ବୃଦ୍ଧା ସବୁଦିନ ଭଳି ସକାଳେ ଉଠି ଘରର ଚାରିଆଡେ ସେହି ବାଳକକୁ ଖୋଜିଲେ କିନ୍ତୁ ସେ ବାଳକକୁ କେଉଁଠି ପାଇଲେ ନାହିଁ। ଯେଉଁଠି–ଯେଉଁଠି ଖିରି ରଖା ଯାଇଥିଲା, ସେହିଠାରେ ହୀରା, ମୋତି, ସୁନା ରଖା ଯାଇଥିଲା। ପ୍ରଭୁ ଗଣେଶ, ବୃଦ୍ଧାଙ୍କର ଦୟାଳୁ ଆଉ ସେବା ଭାବରେ ପ୍ରସନ୍ନ ହେଲେ ଆଉ ତାଙ୍କର ଦରିଦ୍ରତା ଦୂର କରିଦେଲେ। ତେଣୁ ତାଙ୍କର କୃପା ପାଇବା ପାଇଁ ସର୍ବଦା ଭୋକିଲା ଲୋକଙ୍କୁ ଭୋଜନ କରାନ୍ତୁ।

**– ଦେବସ୍ମିତା ବେହେରା**
ବାୟାବାବା ମଠ ଲେନ୍, ୟୁନିଟ୍–୯, ଭୁବନେଶ୍ୱର
ମୋ: ୭୯୭୮୮୩୦୬୧୧

ପିଲାଙ୍କ ଧରିତ୍ରୀ

ସମ୍ପାଦକ: ତଥାଗତ ସତପଥୀ

Printed and published by
Adyasha Satpathy on behalf of
Navajat Printers & Media Pvt.Ltd.
and printed at Navajat Printers, B-15,
Rasulgarh Industrial Estate,
Bhubaneswar-10, Ph. (0674) 2580101,

# ଗଣାଧୀଶ ଗଣପତି

ବିଘ୍ନ ନିବାରଣ କରୁଥିବାରୁ ଗଣେଶଙ୍କ ପୂଜା ସର୍ବଜନ ବିଦିତ। ଭାଦ୍ରବ ମାସ ଶୁକ୍ଳପକ୍ଷ ଚତୁର୍ଥୀରେ ଏହି ପୂଜା କରାଯାଇଥାଏ। ଗଣେଶ ହେଉଛନ୍ତି ଅଗ୍ରପୂଜ୍ୟ। ହିନ୍ଦୁଧର୍ମର କୌଣସି ମାଙ୍ଗଳିକ କାର୍ଯ୍ୟ ଭଗବାନ ଗଣେଶଙ୍କ ବିନା ପ୍ରାରମ୍ଭ ହୋଇ ନ ଥାଏ। କେବଳ ଏତିକି ନୁହେଁ– ପ୍ରତ୍ୟେକ ଦେବଦେବୀଙ୍କ ଆରାଧନା ପୂର୍ବରୁ ଭଗବାନ ଗଣପତିଙ୍କ ପୂଜା କରାଯାଏ। ଏଭଳି ମହତ୍ତ୍ୱ ଅନ୍ୟ କୌଣସି ଦେବଦେବୀଙ୍କୁ ପ୍ରାପ୍ତ ହୋଇ ନ ଥାଏ। ତେଣୁ ହିନ୍ଦୁ ଧର୍ମରେ ଅତି ମହତ୍ତ୍ୱପୂର୍ଣ୍ଣ ଦେବତା ହେଉଛନ୍ତି ଦେବାଧିଦେବ ଶ୍ରୀଗଣେଶ।

ଦିନେ ନୈମିଷାରଣ୍ୟ ବନରେ ଶୌନକ ଆଦି ୮୮ ହଜାର ଋଷି ପୁରାଣର ପ୍ରବକ୍ତା ସୁତମୁନିଙ୍କୁ ଗଣେଶ ଚତୁର୍ଥୀ ବିଷୟରେ କହିବାକୁ ଅନୁରୋଧ କଲେ। ସୁତମୁନି କହିଲେ, ଥରେ ଶ୍ରୀଗଣେଶଙ୍କ ଗଜ ବଦନକୁ ଦେଖି ଚନ୍ଦ୍ର ଥଟ୍ଟା କରିଥିଲେ। ଏଥିରେ ଗଣେଶ ରାଗିଯାଇ ଚନ୍ଦ୍ରଙ୍କୁ ଅଭିଶାପ ଦେଇ କହିଲେ, ଆଜିଠାରୁ ତୁମକୁ ଯିଏ



ଦେଖିବ, ତାକୁ ପାପ ଓ ମିଥ୍ୟା କଳଙ୍କ ଲାଗିବ। ଏହାଶୁଣି ଚନ୍ଦ୍ର କ୍ଷମା ମାଗିବା ସହ କଠୋର ତପସ୍ୟା କରିଥିଲେ। ତା'ପରେ ଚନ୍ଦ୍ରଙ୍କୁ ଗଣେଶ କହିଲେ – ‘‘କେବଳ ଭାଦ୍ରବ ଶୁକ୍ଳ ଚତୁର୍ଥୀରେ ଯିଏ ତୁମକୁ ଦେଖିବ ତାକୁ ପାପ ଓ ମିଥ୍ୟା କଳଙ୍କ ଲାଗିବ, ତେବେ ସେହିଦିନ ଯିଏ ମୋର ପୂଜା କରିବ – ତାହାର ଏହି ଦୋଷ ଦୂର ହେବ।’’

ଭାଦ୍ରବ କୃଷ୍ଣ ଚତୁର୍ଥୀରେ ଆଦିଦେବ ଗଣେଶଙ୍କ ଉତ୍ପତ୍ତି ହୋଇଥିଲା। ତେବେ ତାଙ୍କର ଗଜାନନ ରୂପରେ ଜନ୍ମ ଭାଦ୍ରବ ଶୁକ୍ଳ ଚତୁର୍ଥୀରେ ହୋଇଥିଲା। ସେହିଦିନ ଠାରୁ ସେ ମାନବ ସମାଜର ଅଧିପତି ହେଲେ ଏବଂ ଦେବତାମାନେ ତାଙ୍କୁ ଗଣପତି ରୂପରେ ସିଂହାସନରେ ବିରାଜମାନ କରାଇଲେ। ତା'ପରେ ଗଣପତିଙ୍କ ପୂଜାରେ ସନ୍ତୁଷ୍ଟ ହୋଇ ଭଗବାନ ଶଙ୍କର ତାଙ୍କୁ ବର ଦେଇ କହିଲେ – ଭାଦ୍ରବ ଶୁକ୍ଳ ଚତୁର୍ଥୀ ଦିନରୁ ଅନ୍ତତଃ ଚତୁର୍ଦ୍ଦଶୀ ଦିବସ ପର୍ଯ୍ୟନ୍ତ ୧୦ ଦିନିଆ ଗଣେଶ ଉତ୍ସବ ଯିଏ ପାଳନ କରିବ – ତାହାର ସମସ୍ତ ମନସ୍କାମନା ପୂର୍ଣ୍ଣ ହେବ। ଏହି ବ୍ରତକୁ ପୃଥିବୀ ପୃଷ୍ଠରେ ଯିଏ ପାଳନ କରିବ ତାହାର ସମସ୍ତ ସଙ୍କଟ ଓ ବିଘ୍ନ ଦୂର ହେବ।

**–ଡ. ପ୍ରତିମାରାଣୀ ମିଶ୍ର ଷଡ଼ଙ୍ଗୀ**, ବରମୁଣ୍ଡା ହାଉସିଂବୋର୍ଡ କଲୋନୀ, ଭୁବନେଶ୍ୱର, ମୋ: ୯୪୩୭୨୭୯୧୬୨

## ମତାମତ

▸▸ ତୁମ ତୂଳୀରେ ପ୍ରକାଶିତ ଚିତ୍ରଗୁଡିକ ସୁନ୍ଦର ହୋଇଥିଲା।

**–ରିତିକ୍ ସାହୁ, ଭୁବନ, ଢେଙ୍କାନାଳ**

▸▸ ପବିତ୍ର ବନ୍ଧନ ପାଠଟିରୁ ପିଲାମାନେ ରାଖୀକୁ କିପରି ପାଳନ କଲେ ସେ ସମ୍ପର୍କରେ ଜାଣିବାକୁ ମିଳିଲା।

**–ମିହିର ମଲ୍ଲିକ୍, ଚୌଦ୍ୱାର, କଟକ**

▸▸ କେଉଁ କୁକୁଡା ଦିଏ ନୀଳ ରଙ୍ଗର ଅଣ୍ଡା ଏବଂ କେଉଁଠି ସୁନା ଶସ୍ତା ମିଳେ ସେ ବିଷୟରେ ଜାଣିହେଲା।

**–ରଚନା ନାୟକ, କାକଟପୁର, ପୁରୀ**

## ସୂଚନା

ଆଇନା ସ୍ତମ୍ଭ ଲାଗି ୩ରୁ ୧୩ ବର୍ଷ ବୟସର ପିଲା ନିଜର ୩ଟି ଫଟୋ (ହାଇ ରିଜଲ୍ୟୁଶନ୍ ଥିବା) ସହ ପୁରା ନାମ, ବୟସ, ଠିକଣା ଏବଂ ତୁମ ତୂଳୀ ସ୍ତମ୍ଭ ପାଇଁ ଚିତ୍ର, ରଙ୍ଗ ଦିଅ ସ୍ତମ୍ଭରେ ଦିଆଯାଉଥିବା ଚିତ୍ରରେ ରଙ୍ଗ କରି ନିଜ ଫଟୋ ସହ ଶ୍ରେଣୀ, ସ୍କୁଲ, ଠିକଣା ଲେଖି ପଠାନ୍ତୁ। ଏଥିସହ ଗପ, କବିତା, ବିଜ୍ଞାନ କଥା, ଶିଶୁ ପ୍ରତିଭା, ମତାମତ ନିମ୍ନରେ ପ୍ରଦତ୍ତ ଇ–ମେଲ୍‌ରେ ପଠାଇପାରିବେ।

**ଆମ ଠିକଣା**
dharitrifeature@gmail.com

## ରଙ୍ଗ ଦିଅ



ବିଫଳତା ହିଁ ସଫଳତାର ମୂଳମନ୍ତ୍ର। ତେଣୁ ପାଠ ହେଉ ଅବା ଅନ୍ୟ କୌଣସି କ୍ଷେତ୍ରରେ ବିଫଳତାକୁ ନକାରାତ୍ମକ ଢଙ୍ଗରେ ଗ୍ରହଣ କରିବା ଠିକ୍ ନୁହେଁ। ବରଂ ଏଇ ବିଫଳତା ହିଁ ଅନେକ ସମୟରେ ହୋଇପାରେ ପ୍ରେରଣାର ଏକ ମାଧ୍ୟମ।







# ବିଫଳତାରୁ ଶିକ୍ଷା

ପ୍ରଥମ ପ୍ରୟାସରେ ସବୁ କ୍ଷେତ୍ରରେ ଯେ ସଫଳତା ମିଳିଯିବ ତାହା ସବୁବେଳେ ହୋଇ ନ ପାରେ। ତେଣୁ ବିଫଳ ହେଲେ ଭାଙ୍ଗିପଡିବା କି ହାର୍ ମାନିଯିବା ମଧ୍ୟ ଠିକ୍ ନୁହେଁ। କାରଣ ବିଫଳତା ହିଁ ଅନେକ କିଛି ଶିକ୍ଷା ଦେଇଥାଏ। କେଉଁଠି ଭୁଲ୍ ରହିଲା ଆଉ କଣ କରିଥିଲେ ଭଲ ହୋଇଥାନ୍ତା ସେସବୁ ଜାଣିବାର ସୁଯୋଗ ମିଳେ। ପରୀକ୍ଷାରେ ଯଦି ପିଲାଙ୍କୁ କୌଣସି ବିଷୟରେ କମ୍ ମାର୍କ ମିଳିଥାଏ ତେବେ ସେମାନେ ସେହି ବିଷୟକୁ ଅତ୍ୟନ୍ତ କଷ୍ଟକର ବୋଲି ଧରି ନିଅନ୍ତି। କିନ୍ତୁ ଅନ୍ୟ ଅର୍ଥରେ ଦେଖିଲେ ସେହି ବିଷୟରେ ଅଧିକ ଅଭ୍ୟାସର ଆବଶ୍ୟକତା ରହିଛି ଏକଥାକୁ ବୁଝିବା ଦରକାର। ବାରମ୍ବାର ଅଭ୍ୟାସ କରିବା ଫଳରେ କିଛି ଦିନ ପରେ ତାହା ହୁଏତ ସହଜ ବିଷୟ ଭଳି ମନେହୋଇପାରେ। ତେଣୁ ବିଫଳତା ଏକ ସତର୍କ ସୂଚନା ଭଳି। ଭବିଷ୍ୟତରେ ସଫଳ ହେବା ନିମନ୍ତେ ଏହା ମାର୍ଗଦର୍ଶନ କରାଇଥାଏ। ତେବେ ଏହି ପରିସ୍ଥିତିରେ ପିଲାମାନେ କେଉଁ ସବୁ ପଦକ୍ଷେପ ନେଇପାରିବେ ଜାଣନ୍ତୁ ସେ ସମ୍ପର୍କରେ।

## ଇମୋଶନାଲ ବାଲାନ୍ସ

ପିଲାମାନେ ଯଦି କୌଣସି ପରୀକ୍ଷାରେ ବିଫଳତାକୁ ସାମ୍ନା କରନ୍ତି ତା'ହେଲେ ନିରାଶ ହୁଅନ୍ତୁ ନାହିଁ। କେଉଁ କାରଣ ପାଇଁ ଏଭଳି ସ୍ଥିତି ହୋଇଛି ତାହା ଜାଣିବାକୁ ଚେଷ୍ଟା କରନ୍ତୁ। ଆଉ ନିଜର ଦୁର୍ବଳତାକୁ ଜାଣିପାରିଲେ ସେହି ଅନୁସାରେ ସଜାଡି ନେବା ସହଜ ହୋଇପାରିବ। କିନ୍ତୁ ମନୋବଳ ଭାଙ୍ଗିଗଲେ ସବୁ କାମ କଷ୍ଟ ଲାଗିବ। ତେଣୁ ଧୈର୍ଯ୍ୟହରା ନ ହୋଇ ଏହି ପରିସ୍ଥିତିରେ ମନକୁ ବୁଝାଇ ଆଗକୁ ଯିବା ପାଇଁ ଚେଷ୍ଟା କରନ୍ତୁ।

## ନିରନ୍ତର ପ୍ରୟାସ

ବିଫଳତା ହିଁ ଜଣାଇଦିଏ କେଉଁ କ୍ଷେତ୍ରରେ ଦୁର୍ବଳତା ରହିଛି। ତେଣୁ ଆଗକୁ ବଢିବା ପାଇଁ ଅଭ୍ୟାସ କରିବା ସହଜ ହୋଇଯାଏ। ଯେଉଁ ସବୁ ବିଷୟରେ ନିଜର ଦୁର୍ବଳତା ରହିଛି ସେଥିପାଇଁ ଅଧିକ ଅଭ୍ୟାସ କରନ୍ତୁ। କଥାରେ ଅଛି ଅଭ୍ୟାସ ବଳେ ସବୁ ଗ୍ରନ୍ଥ ପଢି ହୋଇବ ଜ୍ଞାନବନ୍ତ। ତେଣୁ ନିରନ୍ତର ଅଭ୍ୟାସ ବଳରେ ସବୁକିଛି ସମ୍ଭବ ହୋଇପାରିବ। ଏ ଦିଗରେ ହିଁ ଚେଷ୍ଟା ଜାରି ରଖନ୍ତୁ।

## ଅଭିଭାବକଙ୍କ ସହାୟତା

ଅସଫଳତାକୁ ସାମ୍ନା କରିବା ପାଇଁ ଅନେକ ଦିଗରୁ ବିଚାର କରିବାକୁ ହେବ। ଯଦି ନିଜକୁ ବୁଝାଇ ଆଗକୁ ଯିବାରେ ଅସୁବିଧା ମନେ କରୁଛନ୍ତି ତେବେ ପିଲାମାନେ ଅଭିଭାବକଙ୍କ ସହାୟତା ନିଅନ୍ତୁ। ବିପରୀତ ପରିସ୍ଥିତିରେ ହିଁ ସେମାନେ ଉଚିତ ପରାମର୍ଶ ଦେଇଥାନ୍ତି। ତେଣୁ ନିଜ ମନର ସ୍ଥିତି ଓ ଅସୁବିଧା ତଥା ଭାବନା ସମ୍ପର୍କରେ ଘରଲୋକଙ୍କ ଆଗରେ ମନଖୋଲି କୁହନ୍ତୁ।

## ତୁଳନା ବଦଳରେ ପ୍ରେରଣା

ସବୁ କ୍ଷେତ୍ରରେ ସମସ୍ତେ ପାରଙ୍ଗମ ହୋଇ ନ ଥାନ୍ତି। ତେଣୁ ସଫଳ ହୋଇଥିବା ଅନ୍ୟ ପିଲାଙ୍କ ସହିତ ତୁଳନା କରି ଦୁଃଖୀ ହୁଅନ୍ତୁ ନାହିଁ। ଆପଣଙ୍କ ସାଙ୍ଗ ହୁଏତ କୌଣସି ବିଷୟରେ ଅଧିକ ଭଲ କରିପାରିଥାଏ ହେଲେ ସବୁଥିରେ ଯେ ଭଲ କରିବ ତାହା ନିର୍ଦ୍ଦିଷ୍ଟ ହୋଇ ନ ଥାଏ। ତେଣୁ ତୁଳନା କରନ୍ତୁ ନାହିଁ। ଘରେ ଯଦି କେହି ଏଭଳି ତୁଳନା କରି ମନକୁ କଷ୍ଟ ଦେବାପାଇଁ ଚେଷ୍ଟା କରୁଥାନ୍ତି ତେବେ ସେମାନଙ୍କୁ ମଧ୍ୟ ସେପରି କରିବାକୁ ମନା କରନ୍ତୁ। କିନ୍ତୁ ଅନ୍ୟ ସଫଳ ପିଲାଙ୍କ ଉଦାହରଣ ଓ ସେମାନଙ୍କ ପରିଶ୍ରମ ତଥା ନିଷ୍ଠାକୁ ନିଜର ପ୍ରେରଣାଭାବେ ଗ୍ରହଣ କରନ୍ତୁ। ଏହା ଆପଣଙ୍କ ଆତ୍ମବିଶ୍ୱାସକୁ ବୃଦ୍ଧି କରିପାରିବ।





## ଏମାନେ କ'ଣ କରନ୍ତି

### ସଚେତନ ହୋଇଥାଏ



ଗତବର୍ଷ ପରୀକ୍ଷାରେ ମୋର ଇଂଲିଶ ଓ ଗଣିତରେ ବହୁତ କମ୍ ନମ୍ବର ରହିଥିଲା। ଏଥିପାଇଁ ମୋର ମନ ଦୁଃଖ ହୋଇଥିଲା। ହେଲେ ବାବା ମତେ ବୁଝାଇଥିଲେ କି ମନଦୁଃଖ କଲେ କିଛି ହେବନି। ବରଂ ଏହି ଦୁଇ ବିଷୟକୁ ଅଧିକ ଅଭ୍ୟାସ କରିବାକୁ ହେବ। କେଉଁ ସ୍ଥାନରେ ଅବୁଝା ରହୁଛି ସେନେଇ ସାର୍‌ଙ୍କୁ ପଚାରି ଅଧିକ ପଢିବାକୁ ହେବ। ପାଠକୁ ବୁଝିପାରିଲେ ତାହା ସହଜ ଲାଗେ। ତେଣୁ ଆରଥରକୁ ନିଜ ଭୁଲ୍ ସୁଧାରି ନେବାକୁ ଚେଷ୍ଟାକରିବା ଦରକାର। ବାବାଙ୍କର ଏଭଳି ପରାମର୍ଶ ପରେ ମୁଁ ସେଇ ଦୁଇ ବିଷୟକୁ ଭଲଭାବେ ବୁଝିବାକୁ ଚେଷ୍ଟା କରିଥିଲି। ଆଉ ବାରମ୍ବାର ଅଭ୍ୟାସ କରିବା ପରେ ପରୀକ୍ଷାରେ ପୁଣି ଭଲ ନମ୍ବର ଆସିଥିଲା। ଏବେ ତ ପ୍ରତି ମାସରେ ହେଉଥିବା ପରୀକ୍ଷାକୁ ଦେଖି ମୁଁ ସଚେତନ ହୋଇଯାଉଛି। ତେଣୁ କିଛି ଖରାପ ଲାଗୁନି।

**– ମନ୍ମଥ ମହାନ୍ତି**

କ୍ଲାସ– ୪, ଆଦର୍ଶ ଗୁରୁକୁଳ ପବ୍ଲିକ ସ୍କୁଲ, କଟକ


### ମନଦୁଃଖ କରେନି



ପରୀକ୍ଷା ବ୍ୟତୀତ ସ୍କୁଲର ସବୁ କାର୍ଯ୍ୟକ୍ରମ ଓ ପ୍ରତିଯୋଗିତାରେ ମୁଁ ଭାଗନିଏ। ଆଗରୁ ଖେଳ ହେଉ କି ରଚନା କି ଡିବେଟ୍ ସବୁଥିରେ କିଛି ପ୍ରାଇଜ୍ ନ ପାଇଲେ ମନ ଦୁଃଖ ହୋଇଯାଉଥିଲା। ସେଥିପାଇଁ ଆରବର୍ଷ କୋଉଥିରେ ଭାଗ ନେବି ନାହିଁ ବୋଲି ସ୍ଥିର କରିଥିଲି। କିନ୍ତୁ ଏଇ ଭାବନା ଠିକ୍ ନୁହେଁ ବୋଲି ଥରେ ଆମ କ୍ଲାସ ଟିଚର ମତେ ବୁଝାଇଥିଲେ। ପ୍ରତିଯୋଗିତାରେ କୌଣସି ସ୍ଥାନ ନ ମିଳିଲେ ବି ଆତ୍ମବିଶ୍ୱାସ ବଢିଥାଏ। ତେଣୁ କିଛି ଲାଭ ହୋଇନି ବୋଲି କେବେ ବି ଭାବିବା ଉଚିତ ନୁହେଁ। ସାର୍‌ଙ୍କର ପରାମର୍ଶ ପରଠାରୁ ମୁଁ ଆଉ ମନଦୁଃଖ କରୁନି। ସବୁ କମ୍ପିଟିଶନ୍‌ରେ ଭାଗ ନେଉଛି।

**– ଶୀତଳ ବେହେରା**

କ୍ଲାସ– ୭, ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର, ଭୀମଟାଙ୍ଗୀ, ଭୁବନେଶ୍ୱର


୧


୨


୩



୪


୫


୬


୭


୮


୯

୧
**ଅନନ୍ୟା ପରିଡା**
କ୍ଲାସ- ୪, ପିଏମ୍ ଶ୍ରୀ କେନ୍ଦ୍ରୀୟ ବିଦ୍ୟାଳୟ ନଂ-୧, ଭୁବନେଶ୍ୱର





**ଜିସାନ୍ତ ପଟ୍ଟନାୟକ**
କ୍ଲାସ- ୨, ବିଜେଇଏମ୍ ସ୍କୁଲ-୧, ବିଜେବି ନଗର, କଳ୍ପନା ସ୍କୋୟାର, ଭୁବନେଶ୍ୱର
୨

୩
**ଅନନ୍ୟା ବେହୁରା**
କ୍ଲାସ- ୨, ଗାଇଡାନ୍ସ ଇଂଲିଶ ମିଡିୟମ୍ ସ୍କୁଲ, ଭୁବନେଶ୍ୱର





**ଶ୍ରୀୟାଶ୍ରୀ ସାମନ୍ତ**
କ୍ଲାସ-୯, ସ୍ୱାମୀ ବିବେକାନନ୍ଦ ଶିକ୍ଷାକେନ୍ଦ୍ର, ଶିଶୁପାଳଗଡ଼, ଭୁବନେଶ୍ୱର
୪

୫
**ଚିରଞ୍ଜୀବୀ ଦାଶ**
କ୍ଲାସ- ୨, ରୟାଲ ପବ୍ଲିକ ସ୍କୁଲ, କେଶୁରା, ଭୁବନେଶ୍ୱର





**ଅଂଶୁମାନ ସାହୁ**
କ୍ଲାସ- ୮, ଓଡିଶା ଆଦର୍ଶ ବିଦ୍ୟାଳୟ, ଅଙ୍କରାନ୍ତିପୁର, ଢେଙ୍କାନାଳ
୬

୭
**ଆରାଧ୍ୟା ବେହେରା**
କ୍ଲାସ-୭, ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର, ବରଗଡ, ଭୁବନେଶ୍ୱର





**ସ୍ନେହାଞ୍ଜଳୀ ବେହେରା**
କ୍ଲାସ- ୮, ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ, ମାର୍ଶାଘାଇ, କେନ୍ଦ୍ରାପଡା
୮

୯
**ସାଦ୍ୟାନ୍ତ ଶତପଥୀ**
କ୍ଲାସ- ୭, ମଦର୍ସ ପବ୍ଲିକ ସ୍କୁଲ, ପୁରୀ



## ଗିନିଜ୍ ୱାର୍ଲ୍ଡ ରେକର୍ଡ୍ସ



## ପୋକେମନ୍ ସଂଗ୍ରହକାରୀ

ବେଳେବେଳେ ପିଲାବେଳର ଅପୂରଣୀୟ ଇଚ୍ଛାକୁ ବଡ଼ ହେବା ପରେ ପୂର୍ଣ୍ଣ କରିହୁଏ। ଆଉ ସଉକ ପୂରଣ କରିବାକୁ ଯାଇ ଅଜାଣତରେ ବିଭିନ୍ନ ରେକର୍ଡ ହାସଲ କରିହୁଏ। ଠିକ୍ ଏମିତି କିଛି ଘଟିଛି ଚାଇନାର ସାଂ ଚେଉକ୍ଙ୍କ ସହିତ। ୩୨ ବର୍ଷୀୟ ଏହି ବ୍ୟକ୍ତି ଜଣକ ପୋକେମନ୍ର ଗେଙ୍ଗର ଟଏ ସଂଗ୍ରହ କରି ନିଜ ଘରେ ସଜାଇ ରଖିଛନ୍ତି। ଏବେ ସୁଦ୍ଧା ସେ ଏହି ପ୍ରକାରର ମୋଟ ୧୨୦୦ଟି ଖେଳଣା ସଂଗ୍ରହ କରିପାରିଛନ୍ତି। ସାଂ ମାତ୍ର ୮ ବର୍ଷ ବୟସରେ ପ୍ରଥମେ ଗେଙ୍ଗର ଖେଳଣା ପାଇଥିଲେ। ତାଙ୍କ ମା' ତାଙ୍କୁ ପର୍ପଲ ରଙ୍ଗର ଏକ ଖେଳଣା ଉପହାର ଦେଇଥିଲେ। ଆଉ ତାହା ତାଙ୍କୁ ଏତେ ଆକୃଷ୍ଟ କରିଥିଲା ଯେ ସେହି ପ୍ରକାରର ସବୁ ରଙ୍ଗର ଖେଳଣାକୁ ସେ ଆଣିବାକୁ ଇଚ୍ଛା କରିଥିଲେ। ଏହା ପରଠାରୁ ସେ ଗେଙ୍ଗର ଖେଳଣା ଓ ତା'ର ପେଣ୍ଟିଂ ଥିବା ଡ୍ରେସ, କାର୍ଡ ସବୁକିଛି ସଂଗ୍ରହ କରିଥିଲେ। ଏମିତିକି ସେ ତାଙ୍କ ସାଙ୍ଗମାନଙ୍କ ମାଧ୍ୟମରେ କେତେକ ଖେଳନା ଜାପାନରୁ ମଧ୍ୟ ମଗାଇଛନ୍ତି। ସବୁଠୁ ଅଧିକ ପ୍ରକାରର ପୋକେମନ୍ର ଗେଙ୍ଗର ଖେଳଣା ସଂଗ୍ରହ କରିଥିବାରୁ ତାଙ୍କ ନାଁ ଗିନିଜ୍ ରେକର୍ଡରେ ସ୍ଥାନ ପାଇଛି।

## ଏଥରର

- ଡିଜ୍ନୀ ୱାର୍ଲଡ କେଉଁଠାରେ ଅବସ୍ଥିତ ?
- ଚାଉଳ ଓ କଞ୍ଚାମାଛରେ ଜାପାନୀମାନେ ଏକପ୍ରକାରର ଖାଦ୍ୟ ତିଆରି କରନ୍ତି ଯାହା ସେଠାରେ ଖୁବ୍ ଲୋକପ୍ରିୟ। ଏହି ଖାଦ୍ୟର ନାମ ?
- ଆମେରିକାର କେଉଁ ରାଜ୍ୟ ସବୁଠୁ ବଡ଼ ?
- ଫ୍ରାନ୍ସର ରାଜଧାନୀ ନାମ ?
- ସୁନାର ରାସାୟନିକ ସଙ୍କେତ କ'ଣ ?

## ଗତଥରର ଉତ୍ତର

- ସିଙ୍ଗାପୁର
- ସମୁଦ୍ରଗୁପ୍ତ
- ଅବୁଲ ଫାଜଲ
- ୧୯୪୯ ନଭେମ୍ବର ୨୬ରେ ଲାଗୁ ହୋଇଥିଲା ଓ ୧୯୫୦ ଜାନୁଆରୀ ୨୬ରେ କାର୍ଯ୍ୟକାରୀ ହୋଇଥିଲା।
- ବଲୱନ୍ତ ରାୟ ମେହତା କମିଟି

## କବିତା



### ଭରିଦିଅ ମନେ ପାଠରେ ସରାଗ

ଗଣପତି ହେ ଗଜାନନ
ଜୟ ଗଣେଶ ମୂଷିକ ବାହନ
ଜଣାଉ ପ୍ରଣତି ଜନମ ଦିନରେ
ତୁମ ପାଦେ ଆହେ ଗୌରୀ ନନ୍ଦନ ॥
ଲମ୍ବୋଦର ହେ ଗଣେଶ୍ୱର
ସିନ୍ଦୂର ଶୋଭିତ ମୁଖ ତୁମର
ପାରବଣ ଆଦ୍ୟ ଝଙ୍କାର ହେଉଛି
ଭାବ ଭକ୍ତିଭରା ତୁମ ପୂଜନ ॥
ବକ୍ରତୁଣ୍ଡ ହେ ଗଣନାଥ
ବିଦ୍ୟାଦାତା ବୋଲି ଜଗତେ ଖ୍ୟାତ
ତୁମ କୃପା ଲଭି ଥାଏ ଯେଉଁ ନର
ଲାଭକରେ ସିଏ ଦିବ୍ୟ ଜୀବନ ॥
କରୁ ପାଦେ ଏତିକି ଭିକ୍ଷା
ହେଉ ଦୀକ୍ଷା ଆମ ଜୀବନେ ଶିକ୍ଷା
ଭରିଦିଅ ମନେ ପାଠରେ ସରାଗ
ବିଦ୍ୟା ପଠନେ ରହୁ ସଦା ମନ ॥
କରୁଅଛୁ ଆମେ ଗୁହାରି
ଜ୍ଞାନର ଦୀପାଳି ଅନ୍ତରେ ଜାଳି
ଦୂରକର ମନୁ ଅଜ୍ଞାନ ଅନ୍ଧାର
ସଫଳ ହେଉ ଏ ଆମ ଜୀବନ ॥

**– ରାଜ କିଶୋର ସ୍ୱାଇଁ**
ମୋ: ୯୪୩୭୪୪୨୦୪୧

### ସମୟ

ଆଜିର ସମୟ କାଲିକି ନ ଥାଏ
ସୁଅ ପରି ବୋହିଯାଏ,
ଆଜିର କାମକୁ ଆଜି କର ବୋଲି
ସଭିଙ୍କୁ ଚେତାଉ ଥାଏ।
ଠିକ୍ ସମୟେ ଚାଷ ନ କଲେ
ପାଗଟା ବିଗିଡ଼ି ଯାଏ,
ବରଷଯାକର ଫସଲ ହରାଇ
ଭାଗ୍ୟ ଦୋଷ ଦେଉଥାଏ।
ଠିକ୍ ସମୟେ ବରଷା ହୋଇଲେ
ହୁଏ ଉତ୍ତମ ଫସଲ,
ଅସମୟେ ଯେବେ ମେଘ ବରଷଇ
ଲୋକେ ହୁଅନ୍ତି କଳବଳ।
ଶୈଶବ କାଳରେ ଯତ୍ନ ନେଲେ ଶିଶୁ
ହୁଅଇ ଭଲ ମଣିଷ,
କଞ୍ଚା ମାଟି ଆଉ ତତଲା ଲୁହାରୁ
ଗଢ଼ା ହୁଅଇ ଜିନିଷ।
ସମୟକୁ ଜଗି କାମ କରେ ଯିଏ
ସେ ହୁଅଇ ଭାଗ୍ୟବାନ,
ଏହି କଥା ଗୋଟି ମନେରଖି ସର୍ବେ
ସମୟେ ଦେବା ସମ୍ମାନ।

**– ମାଧବୀଲତା ଦେଈ**
ମୋ: ୯୬୯୨୪୮୩୩୭୭

### ଆସିବେ ଠାକୁର

ଘର ଓ ବାହାର କଲି ପରିଷ୍କାର
ଆସିବେ ଠାକୁର ମୋର,
ଗଣେଶ ଚତୁର୍ଥୀ ମହା ଶୁଭ ତିଥି
ବିଘ୍ନ ବିନାଶକଙ୍କର।
କେତେ ଭାବିଚିନ୍ତି କଥା ଦେଇଛନ୍ତି
ଆସିବେ ଯଦୁଆ ନନା,
ସବୁ ଦେବତାଙ୍କୁ ପୂଜିବେ ପଛକୁ
କରି ଗଣେଶ ବନ୍ଦନା।
କୋଟି ସୂର୍ଯ୍ୟ ତେଜ,ସିଏ ଅଗ୍ରପୂଜ୍ୟ
ମଙ୍ଗଳ ବିଧାନ ପାଇଁ,
ସିଦ୍ଧି ବିନାୟକ ଆଶାର ଆଲୋକ
ସେ ପରା ଜଗତ ସାଇଁ।
ଏ ଶୁଭ ଲଗନେ ତାଙ୍କ ଶ୍ରୀଚରଣେ
ସରବେ ପାତିବା ମଥା
ତାଙ୍କ କୃପା ବଳେ ଜ୍ଞାନଲୋକ ତଳେ
ପ୍ରାପ୍ତ ହୁଏ ସଫଳତା।

**–ବସନ୍ତ କୁମାର ଦାସ**
ମୋ : ୯୦୭୮୩୩୦୩୭୯

### ପାଠ ଦେବତା

ଫୁଲପତର ପଞ୍ଚ କାଗଜ
ଦେଇ ତୋରଣ ଗଢ଼
ଚିକିମିକିଆ ବିଜୁଳିବତି
ସଜାରେ ଲାଗିପଡ଼ ।
ନଡ଼ିଆ ଲଡୁ କୋରା ଉଖୁଡା
କଦଳୀ ଡାଲା ଭୋଗ
ଧୂପ କର୍ପୂର ଝୁଣା ବତିକୁ
ଲଗାଇଦିଅ ଆଗ ।
ପାଠ ଦେବତା ପୂଜାରେ ବସ
ମନପରାଣ ଦେଇ
ସପନ ପୂରା ପାଇଁ ପୁଷ୍ପର
ଅଞ୍ଜଳି ଦିଅ ନେଇ।
ଆଲୋକ ପଥ ଦେଖାଇ
ଅନ୍ଧକାର କରିବେ ଦୂର
ବୁଦ୍ଧି ବିବେକ ଜ୍ଞାନ ପସରା
କରିବେ ଭରପୂର ।

**– ମହେନ୍ଦ୍ର କୁମାର ଘଡ଼େଇ**
ମୋ: ୯୪୩୭୭୪୦୫୬୬

## କହିଲ ଦେଖି



ମଣିଷ ଶରୀର ହାତୀର ମୁଣ୍ଡ
ପୃଥୁଳ ଉଦର ନାକଟି ଶୁଣ୍ଢ
ବିଦ୍ୟାର ଅଟନ୍ତି ସେ ଗନ୍ତାଘର
ନନ୍ଦନ ସେ ଦେବୀ ପାର୍ବତୀଙ୍କର
କହିଦେବ ତାଙ୍କ ନାମଟି ଯିଏ
ଜ୍ଞାନ ପାଇ ଜ୍ଞାନୀ ହୋଇବ ସିଏ।

**ଉତ୍ତର– ଶ୍ରୀ ଗଣେଶ**



ଗୁଡ଼ ଓ ଚିନିର ଶିରାରେ ମିଶି
ରାଶି କିମ୍ବା ବୁନ୍ଦି ହୁଅଇ ଖୁସି
ଭାରି ପ୍ରିୟ ବିଦ୍ୟାଦାତାଙ୍କ ସିଏ
ଯୋଡିଏ ଖାଇବ କହିବ ଯିଏ।

**ଉତ୍ତର– ଲଡୁ**



ମୂଷିକ ବାହାନେ ସେ ଗଣପତି
ଭ୍ରମନ୍ତି ଦୁନିଆଁ ଅତି ଝଟତି
ମୂଷାଟିର ନାମ ଯିଏ କହିବ
ତାଳଚେର ପୂଜା ସିଏ ଦେଖିବ

**ଉତ୍ତର– ମୂଷିକାସୁର**



ମାତୃଭକ୍ତ ସିଏ ପରମ ବୀର
ସତ୍ୟରକ୍ଷା ଲାଗି କଟିଲା ଶିର
ଯୋଡ଼ାହେଲା ପୁଣି ହାତୀର ମୁଣ୍ଡ
ଗଜାନନ ନାମେ ଜାଣେ ବ୍ରହ୍ମାଣ୍ଡ
କାଟିବା ଯୋଡ଼ିବା କରିଲେ କିଏ
କହିଲେ ଆଶିଷ ଲଭିବ ସିଏ।

**ଉତ୍ତର – ଶିବ**

**– ଟଙ୍କଧର ଶତପଥୀ**
ସୁନ୍ଦରପାଳ, ଅନୁଗୋଳ
ମୋ: ୯୯୩୮ ୨୬୪୪୭୬

# ବେଙ୍ଗର ଜୀବନଚକ୍ର

ବେଙ୍ଗଗୁଡ଼ିକର ଶକ୍ତିଶାଳୀ ଗୋଡ଼ ଥାଏ । ଏହାକୁ ବ୍ୟବହାର କରି ସେମାନେ ଶିକାରୀଠାରୁ ନିଜକୁ ରକ୍ଷା କରିଥାଆନ୍ତି । ବେଙ୍ଗମାନଙ୍କ ଗୋଡଗୁଡିକର ବିକାଶ ସପ୍ତାହ ସପ୍ତାହ ପର୍ଯ୍ୟନ୍ତ ଲାଗିଥାଏ । ପ୍ରଜାପତି ବେଙ୍ଗ ପରି ଏକ ଆଶ୍ଚର୍ଯ୍ୟଜନକ ରୂପାନ୍ତରଣ, ଯାହାକୁ 'ମେଟାମୋର୍ଫୋସିସ' ବା କାୟାନ୍ତରଣ କୁହାଯାଏ । ଜେଲି ପରି ଅଣ୍ଡା ଜଳରେ ଦେଖିବାକୁ ମିଳେ । ସେଗୁଡ଼ିକୁ ବେଙ୍ଗଫୁଲା ବୋଲି କୁହନ୍ତି । ଶେଷରେ ଭୂମିରେ ଚଳପ୍ରଚଳ କରିବା ନିମନ୍ତେ ଉପଯୁକ୍ତ ଗୋଡ଼ର ବିକାଶ ହୁଏ । କିନ୍ତୁ ଏହି ମେଟାମୋର୍ଫୋସିସ୍ କିପରି କାମ କରେ ?

ଜୀବନଚକ୍ରର ପ୍ରତ୍ୟେକ ପର୍ଯ୍ୟାୟକୁ ଦେଖିଲେ ଜଣାଯାଏ, ପ୍ରଥମ ପର୍ଯ୍ୟାୟରେ ଅସାଧାରଣ ଭାବେ ଅଣ୍ଡାର ଉତ୍ପତ୍ତି ହୁଏ । ଏହା ବୟସ୍କ ବେଙ୍ଗରୁ ଶହ ଶହ ଛୋଟ ଅଣ୍ଡା ଆସି ଏକତ୍ର ହୋଇ ଯାହା ଫ୍ରଗସପାଉନ ବା ଛୋଟ ଛୋଟ ଅଣ୍ଡାଗୁଡ଼ିକ ଜେଲି ଭିତରେ ସୁରକ୍ଷିତ ରହିଥାଏ । ବସନ୍ତ ଋତୁ ଆରମ୍ଭରେ ଏପରି ହୁଏ ଓ ପାଗ ଧୀରେ ଧୀରେ ଗରମ ହେବାକୁ ଲାଗେ । ଯେତେବେଳେ ଫ୍ରଗସପାଉନରେ ଦାଗ ଦେଖାଯାଏ, ସେତେବେଳେ ବସନ୍ତ ଋତୁ ଆସିଛି ଓ ଏହା ବସନ୍ତ ଋତୁ ସମୟର ସଂକେତ ବୋଲି ଧରିନିଆଯାଏ । ତେବେ ଏହାକୁ ସହଜରେ ଶିକାର କରାଯାଇପାରେ । କାରଣ ଅଣ୍ଡାଗୁଡ଼ିକ ପ୍ରତିରୋଧ କରିପାରି ନ ଥା'ନ୍ତି ବା ନିଜକୁ ସୁରକ୍ଷିତ ରଖିବାରେ ସଫଳ ହୋଇପାରନ୍ତି ନାହିଁ । ଏଗୁଡ଼ିକ ସବୁଜିମା କିମ୍ବା ଚଟାଣରେ କିମ୍ବା ଜଳପୃଷ୍ଠରେ ରହିଥା'ନ୍ତି । ତାହା ହିଁ ସୁରକ୍ଷିତ ବଳୟ । ଏହି ଅଦ୍ଭୁତ ଅଣ୍ଡାଗୁଡ଼ିକର ଆକୃତି ଭିନ୍ନ ଭିନ୍ନ । 'ଫ୍ରଗସପାଉନ' ଅଣ୍ଡାଗୁଡ଼ିକ ଏକ ଗୋଲାକାର କ୍ଲଷ୍ଟର ପରି ଦେଖାଯାଏ ଓ 'ଟୋଡସପାଉନ ଯାହା ଲମ୍ବା ରିବନ ପରି ଦେଖାଯାଏ ।

"ଫ୍ରଗସପାଉନରେ ଶିଶୁ ବେଙ୍ଗଗୁଡ଼ିକ ଏକ ଜେଲି ପରି ପଦାର୍ଥ ଦ୍ୱାରା ଘେରି ରହିଥିବା ଛୋଟ କଳାବିନ୍ଦୁ ଭାବରେ ଆରମ୍ଭ ହୁଅନ୍ତି। ସମୟ ସହିତ ସେମାନେ କମା ଚିହ୍ନ ଆକୃତିର ହୁଅନ୍ତି, ଯେହେତୁ ସେମାନଙ୍କର ଲାଙ୍ଗୁଡ଼ର ବିକାଶ ଆରମ୍ଭ ହୁଏ। ଦ୍ୱିତୀୟ ପର୍ଯ୍ୟାୟରେ କିଶୋର ଟ୍ୟାଡପୋଲ ବା କିଶୋର ବେଙ୍ଗଫୁଲା ଦେଖାଯାଏ। ୧–୩ ସପ୍ତାହ ପରେ ସେମାନଙ୍କ ଅଣ୍ଡାର ହଳଦିଆ ଅଂଶ ଖାଇବା ପରେ ଶିଶୁବେଙ୍ଗ ଯାଆଁଳ ଭାବରେ ଆସେ। ବର୍ତ୍ତମାନ ଶିଶୁ ବେଙ୍ଗଗୁଡ଼ିକୁ ତାଡ଼ପୋଲ ବା ବେଙ୍ଗଫୁଲା ବୋଲି କୁହାଯାଏ।"



ଫ୍ରଗସପାଉନରେ ଶିଶୁ ବେଙ୍ଗଗୁଡ଼ିକ ଏକ ଜେଲି ପରି ପଦାର୍ଥ ଦ୍ୱାରା ଘେରି ରହିଥିବା ଛୋଟ କଳାବିନ୍ଦୁ ଭାବରେ ଆରମ୍ଭ ହୁଅନ୍ତି । ସମୟ ସହିତ ସେମାନେ କମା ଚିହ୍ନ ଆକୃତିର ହୁଅନ୍ତି, ଯେହେତୁ ସେମାନଙ୍କର ଲାଙ୍ଗୁଡ଼ର ବିକାଶ ଆରମ୍ଭ ହୁଏ । ଦ୍ୱିତୀୟ ପର୍ଯ୍ୟାୟରେ କିଶୋର ଟ୍ୟାଡପୋଲ ବା କିଶୋର ବେଙ୍ଗଫୁଲା ଦେଖାଯାଏ । ଏକରୁ ତିନି ସପ୍ତାହ ପରେ ସେମାନଙ୍କ ଅଣ୍ଡାର ହଳଦିଆ ଅଂଶ ଖାଇବା ପରେ ଶିଶୁବେଙ୍ଗ ଯାଆଁଳ ଭାବରେ ଆସେ । ବର୍ତ୍ତମାନ ଶିଶୁ ବେଙ୍ଗଗୁଡ଼ିକୁ ତାଡ଼ପୋଲ ବା ବେଙ୍ଗଫୁଲା ବୋଲି କୁହାଯାଏ । ସେମାନଙ୍କର ଗାଲି, ପାଟି ଏବଂ ଲମ୍ବା ଲାଙ୍ଗୁଡ଼ ଆସେ, ଯାହା ସାହାଯ୍ୟରେ ସେମାନେ ପହଁରି ପାରନ୍ତି । ବେଙ୍ଗ



ଜୀବନଚକ୍ରର ଟ୍ୟାଡପୋଲ ପର୍ଯ୍ୟାୟ ଲାର୍ଭା ଷ୍ଟେଜ ଭାବରେ ମଧ୍ୟ ଜଣାଶୁଣା । ଟ୍ୟାଡପୋଲ ହେଉଛି ବେଙ୍ଗ ଲାର୍ଭା, ଯାହା ସମାନ ଭାବରେ କୀଟପତଙ୍ଗ ଲାର୍ଭା ପରି ହୋଇଥାଏ । ପ୍ରଥମ ସପ୍ତାହ କିମ୍ବା ଦୁଇ ସପ୍ତାହ ପର୍ଯ୍ୟନ୍ତ ଏହି ବେଙ୍ଗଫୁଲା ଅଣ୍ଡାର ହଳଦିଆ ଅଂଶକୁ ଖାଇସାରିବା ବେଳକୁ ସେମାନେ ଶକ୍ତି ପାଇସାରି ଥାଆନ୍ତି । ବୟସ୍କ ବେଙ୍ଗ ପରି ଟ୍ୟାଡପୋଲ ବା ଏହି ବେଙ୍ଗ ଫୁଲାମାନେ ଭୂମିରେ ଯାଇପାରିବେ ନାହିଁ । ତେଣୁ ସେମାନେ ଉଦ୍ଭିଦକୁ ଖାଇଥାଆନ୍ତି । ଗୋଡ଼ହୀନ, ପାଣିରେ ବଞ୍ଚୁଥିବା ଟ୍ୟାଡପୋଲ ବା ବେଙ୍ଗଫୁଲା ୧୪ ସପ୍ତାହ ମଧ୍ୟରେ କାୟାନ୍ତରଣ ହୋଇ ବେଙ୍ଗରେ ପରିଣତ ହୁଅନ୍ତି । ପ୍ରଥମେ ସେମାନଙ୍କର ପଛଗୋଡ଼ ବୃଦ୍ଧି ହୁଏ ଓ ତାପରେ ଆଗଗୋଡ଼ । ଶୀଘ୍ର ସେମାନଙ୍କର ଶରୀର ଆକୃତିର ପରିବର୍ତ୍ତନ ଆରମ୍ଭ କରେ ଏବଂ ସେମାନେ କୀଟନାଶକ ଖାଇବାକୁ ସକ୍ଷମ ହୁଅନ୍ତି । ପରବର୍ତ୍ତୀ ସମୟରେ ଟ୍ୟାଡପୋଲ ଲାଞ୍ଜକୁ ସଙ୍କୋଚନ କରେ ଏବଂ ସେମାନଙ୍କ ଫୁସ୍‌ଫୁସ୍, କର୍ଣ୍ଣପଟଳି ବିକାଶ ହେବା ପରେ ଗାଲି ଉପରେ ଚର୍ମ ମାଡ଼ିଯାଏ ଓ ସେମାନେ ସ୍ଥଳଭାଗରେ ଜୀବନଯାପନ ପାଇଁ ପ୍ରସ୍ତୁତ ହୁଅନ୍ତି ।

ଥରେ ସେମାନଙ୍କର ଗାଲି ଓ ଲାଞ୍ଜ ସବୁଦିନ ପାଇଁ ଚାଲିଗଲା ପରେ ବେଙ୍ଗଟି ଏକ ଛୋଟ ବୟସ୍କ ବେଙ୍ଗରେ ପରିଣତ ହୁଏ ଓ ଦ୍ୱିତୀୟ ପର୍ଯ୍ୟାୟ ସମ୍ପୂର୍ଣ୍ଣ ହୁଏ । ପର୍ଯ୍ୟାୟ ୩ରେ ସଂପୂର୍ଣ୍ଣ ବିକଶିତ ହୋଇଯାଇଥିବା ବେଙ୍ଗଗୁଡ଼ିକ ସମସ୍ତେ ବଡ଼ ହୋଇଯାଇଥିବା ସ୍ଥଳେ ଦୁନିଆକୁ ଯିବାକୁ ପ୍ରସ୍ତୁତ ହୋଇଥାନ୍ତି । ବୟସ୍କ ବେଙ୍ଗ ପାଣିରେ ବହୁତ କମ୍ ନିର୍ଭରଶୀଳ । ସେମାନେ ଅଧିକାଂଶ ସମୟ ଛାଇରେ କାଟନ୍ତି । ଏମାନେ ଖୋଲା ସ୍ଥାନରେ ବଞ୍ଚି ରହିବା ସହିତ ଓ ପୋଖରୀ ଏବଂ ହ୍ରଦକୁ ମଧ୍ୟ ଫେରନ୍ତି । ଏଣୁ ବେଙ୍ଗମାନଙ୍କର ଜୀବନ ପ୍ରକ୍ରିୟା ଅଦ୍ଭୁତ ଓ ଅନନ୍ୟ ।

– **ଶୁଭନାରାୟଣ ଶତପଥୀ**, ବିଜିପୁର, ବ୍ରହ୍ମଗିରି, ପୁରୀ
ମୋ: ୯୪୩୮୪୩୨୦୨୩

# ଅଧିକ ଖାଉଥିବା ବ୍ୟକ୍ତି



ପୃଥିବୀରେ ଅନେକ ଲୋକ ଅଛନ୍ତି, ଯେଉଁମାନେ କି ଆବଶ୍ୟକତା ଠାରୁ ଅଧିକ ଖାଦ୍ୟ ଖାଇବାକୁ ପସନ୍ଦ କରିଥାଆନ୍ତି। ଏମିତି ଜଣେ ବ୍ୟକ୍ତିଙ୍କ ବିଷୟରେ ସୂଚିତ କରାଯାଉଛି, ଯିଏ କି ଖାଦ୍ୟ ଖାଇବାରେ ରେକର୍ଡର ଅଧିକାରୀ ହୋଇଛନ୍ତି। ସେ ହେଉଛନ୍ତି ବିହାରର ରଫିକ୍। ତାଙ୍କର ଖାଦ୍ୟ ତାଲିକା ବିଷୟରେ ଜାଣିଲେ ଯେ କେହି ବି ଆଶ୍ଚର୍ଯ୍ୟ ନ ହୋଇ ରହିପାରିବ ନାହିଁ। ତାଙ୍କର ବୟସ ମାତ୍ର ୩୦ବର୍ଷ । ଦିନକ ମଧ୍ୟରେ ସେ ୩ କିଲୋ ଚାଉଳର ଭାତ, ୪ ଲିଟର କ୍ଷୀର, ୮୦–୧୦୦ ରୁଟି ଖାଆନ୍ତି। କେବଳ ସେତିକି ନୁହେଁ, ୨ କିଲୋ ମଟନ୍ କିମ୍ବା ଚିକେନ୍ ଏବଂ ଦେଢ଼ରୁ ୨ କି.ଗ୍ରା ମାଛ ମଧ୍ୟ ଖାଇ ଖାଆନ୍ତି। ଅତ୍ୟଧିକ ଖାଦ୍ୟ ଖାଇବା କାରଣରୁ ତାଙ୍କ ଶରୀରର ଓଜନ ପ୍ରାୟ ୨୦୦ କି.ଗ୍ରା ହେବ। ବିହାରର କଟିହାରଠାରେ ରହୁଥିବା ରଫିକ୍ ଏଭଳି ଅଭ୍ୟାସ ଲାଗି ସେ ଏବେ 'ବୁଲିମିୟା ନର୍ଭୋସା' ନାମକ ରୋଗରେ ପୀଡ଼ିତ। ଏହି କାରଣରୁ ତାଙ୍କୁ ସାମାଜିକ ଏବଂ ଶାରୀରିକ ସମସ୍ୟାର ସାମ୍ନା କରିବାକୁ ପଡୁଛି। ଏମିତିକି ଲୋକମାନେ ତାଙ୍କୁ ନିଜ ଘରକୁ ନିମନ୍ତ୍ରଣ କରିବାକୁ କୁଣ୍ଠାବୋଧ କରିଥାନ୍ତି। ତାଙ୍କର ଏହି ମେଦବହୁଳତା ପାଇଁ ସ୍ୱାସ୍ଥ୍ୟ ସମସ୍ୟା ମଧ୍ୟ ରହିଛି। ଅଧିକ ଓଜନ କାରଣରୁ ସେ ଆଦୌ ଚଲାବୁଲା କରିପାରନ୍ତିନାହିଁ। ସେ କୌଣସି ସ୍ଥାନକୁ ଯିବା ଆସିବା ଲାଗି ବୁଲେଟ୍ ବ୍ୟବହାର କରିଥାନ୍ତି।



# ଏରୋପ୍ଲେନ୍‌ର ରଙ୍ଗ ଧଳା କାହିଁକି

ଗମନାଗମନର ଅନ୍ୟତମ ମାଧ୍ୟମ ହେଲା ଏରୋପ୍ଲେନ୍ ବା ଉଡାଜାହାଜ। ଆଜିକାଲି ଏହାଦ୍ୱାରା ବହୁତ ଦୂର ସ୍ଥାନକୁ ଅଳ୍ପ ସମୟ ମଧ୍ୟରେ ଯିବା ଆସିବା କରିହେଉଛି। କିନ୍ତୁ ତୁମେମାନେ ଜାଣିଛ କି, ଏରୋପ୍ଲେନର ରଙ୍ଗ ସବୁବେଳେ ଧଳା କାହିଁକି ହୋଇଥାଏ ? ଏହା ପଛରେ ବିଜ୍ଞାନ ରହିଛି। ଉଡାଜାହାଜର ରଙ୍ଗ ଧଳା ହେବାର କାରଣ ଏଭଳି ରଙ୍ଗ ଦୂରରୁ ସହଜରେ ଦୃଶ୍ୟମାନ ହୋଇଥାଏ। ଫ୍ଲାଇଟ୍‌ରେ ଟିକେ ବି ସ୍କ୍ରାଚ୍ ଏରୋପ୍ଲେନ ଲାଗି କ୍ଷତିକାରକ ହୋଇଥାଏ। ତା 'ସହ ହାଲୁକା ସ୍କ୍ରାଚ୍ ବି ସହଜରେ ଜଣାପଡ଼ିଥାଏ। ଯଦି ସ୍କ୍ରାଚ୍‌କୁ ଠିକ୍ ଭାବେ ଦୃଷ୍ଟି ଦିଆନଯାଏ, ତେବେ ଏହା ବହୁତ ବଡ଼ ସମସ୍ୟା ସୃଷ୍ଟି କରିବାର ଆଶଙ୍କା ରହିଛି। ତାପମାତ୍ରା ନିୟନ୍ତ୍ରଣ ପାଇଁ ଫ୍ଲାଇଟ୍ ରଙ୍ଗ ମଧ୍ୟ ଧଳା କରାଯାଏ। ଫଳରେ ସୂର୍ଯ୍ୟକିରଣକୁ ସହଜରେ ରିଫ୍ଲେକ୍ଟ କରିପାରିଥାଏ। ଏଥିପାଇଁ ଏରୋପ୍ଲେନର ତାପମାତ୍ରା ନିୟନ୍ତ୍ରଣରେ ରହିଥାଏ।

# ଆଇନା



ପରିନିକା ସିଂ

୪ ବର୍ଷ/ଢେଙ୍କାନାଳ



ରୁଦ୍ରାଂଶ ସିଂଦେଓ

୯ ବର୍ଷ/ଭୁବନେଶ୍ୱର